# NATIONAL NEWS BULLETIN (ODIA)

**8 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭୋଟ୍‌ଗଣତି ଜାରି ।

\- ୭୦ଟି ଆସନ ମଧ୍ୟରୁ ବିଜେପି ୪୬ଟି ଏବଂ ଆପ୍‌ ୨୪ରେ ଆଗୁଆ ।

- ଫ୍ରାନ୍ସ ଏବଂ ଆମେରିକାକୁ ଆସନ୍ତା ସୋମବାରଠାରୁ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ପ୍ରୟାଗରାଜ ମହାକୁମ୍ଭ ମେଳାରେ ଏପର୍ଯ୍ୟନ୍ତ ୪୧କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପକାଇ ସାରିଲେଣି ବୁଡ଼ ।

- ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଗାଜାରୁ ଆଜି ମୁକ୍ତ ହେବେ ୩ଜଣ ଇସ୍ରାଏଲ ପଣବନ୍ଦୀ ।

ଏବଂ

- ଇଣ୍ଡିଆନ୍‌ ସୁପର ଲିଗ୍‌ ଫୁଟବଲ ପ୍ରତିଯୋଗିତା ଆଜି ହାଇଦ୍ରାବାଦ ଏଫ୍‌ସି ଏବଂ ମହମଦାନ ଏସ୍‌ସି ଓ ଚେନ୍ନାଇଆନ୍‌ ଏଫ୍‌ସି ଏବଂ ଇଷ୍ଟବେଙ୍ଗଲ ଏଫ୍‌ସି ମଧ୍ୟରେ ହେବ ମୁକାବିଲା ।

---

# ଦିଲ୍ଲୀ ଇଲେକ୍ସନ ରେଜଲ୍ଟ

ଦିଲ୍ଲୀ ବିଧାନସଭା ନିର୍ବାଚନ ନେଇ ଭୋଟ୍‌ଗଣତି ଜାରି ରହିଛି । ମିଳିଥିବା ସବିଶେଷ ତଥ୍ୟ ଅନୁଯାୟୀ ୧୯ଟି କେନ୍ଦ୍ରରେ ୭୦ଟିଯାକ ଆସନ ପାଇଁ ଭୋଟ୍‌ଗଣତି ଚାଲିଛି । ବିଜେପି ୪୬ଟିରେ ଏବଂ ଆମ୍ ଆଦ୍‌ମୀ ପାର୍ଟି ୨୪ଟି ଆସନରେ ଆଗୁଆ ରହିଛି ।

ଦିଲ୍ଲୀ ଏନ୍‌ସିଟି ଆସନରେ ଆମ୍ ଆଦ୍‌ମୀ ପାର୍ଟି ଜାତୀୟ ଆବାହକ ଅରବିନ୍ଦ କେଜରିୱାଲ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ବିଜେପିର ପରଭେଜ ସାହିବ ସିଂହଙ୍କ ଠାରୁ ଯଥେଷ୍ଟ ପଛରେ ଅଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀ ଆତିଶୀ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଷ ସିଶୋଦିଆ, ଆପ୍‌ର ସୋମନାଥ ଭର୍ତ୍ତି, ସୌରଭ ଭରଦ୍ୱାଜ, ଅୱଧ ଓଝା ପ୍ରମୁଖ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ପଛରେ ଅଛନ୍ତି । ମୁଖ୍ୟମନ୍ତ୍ରୀ ଆତିଶୀ କାଲକାଜୀ ଆସନରେ ବିଜେପିର ରମେଶ ବିଧୁରୀଙ୍କଠାରୁ ପଛରେ ଅଛନ୍ତି । ତ୍ରିନଗର ଆସନରେ ବିଜେପିର ତିଲକରାମ ଗୁପ୍ତା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଆପ୍‌ର ପ୍ରୀତି ଜିତେନ୍ଦର ତୋମରଙ୍କଠାରୁ ୧୫ହଜାର ଭୋଟ୍‌ରେ ଆଗୁଆ ଅଛନ୍ତି । ସାଲିମାରବାଗ ଆସନରେ ରେଖା ଗୁପ୍ତା ୨୯ହଜାର ଭୋଟ୍‌ରେ ଆଗୁଆ ଥିବାବେଳେ ମନଜିନ୍ଦର ସିଂହ ସିର୍‌ସା ରାଜୌରୀଗାର୍ଡ଼ନ ଆସନରୁ ୧୬ହଜାର ଭୋଟ୍‌ରେ ଆଗୁଆ ଅଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଓମ୍ ପ୍ରକାଶ ଶର୍ମା ବିଶ୍ୱାସ ନଗର ଆସନରୁ ମୋହନ ସିଂହ ବିଷ୍ଟ ମୁସ୍ତାଫାବାଦ ଆସନରୁ, ଅଜୟ ମହାୱାର ଘୋଣ୍ଡା, ରାଜୀବ ନେଗୀ ପଟପରଗଞ୍ଜ ଆସନରୁ, ରବୀନ୍ଦର ଇନ୍ଦରାଜସିଂହ

ବାଓ୍ୱନା ଆସନରୁ ଏବଂ ପୁନବନ୍ତ ରାଣା ରିଥାଲା ଆସନରୁ ଆଗୁଆ ଅଛନ୍ତି । ଅନ୍ୟପକ୍ଷରେ ଆପ୍‌ର ଗୋପାଲ ରାଇ, ବାବରପୁର ଆସନରୁ ଆଗୁଆ ଥିବାବେଳେ କୁଲଦୀପ କୁମାର କୋଣ୍ଡଲୀ, ବୀରେନ୍ଦ୍ର ସିଂହ କଡିଆନ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଆସନରୁ ଏବଂ ପ୍ରେମ୍ ଚୌହ୍ୱାନ ଦେଓଲି ଆସନରୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ଆଗୁଆ ଅଛନ୍ତି । ଗ୍ରେଟର କୈଳାସ ଆସନରୁ ଆପ୍‌ର ସୌରଭ ଭରଦ୍ୱାଜ, ମାଲଭିନଗର ଆସନରୁ ସୋମନାଥ ଭର୍ତ୍ତି, ବଦ୍‌ଲୀ ଆସନରୁ କଂଗ୍ରେସର ଦେବେନ୍ଦ୍ର ଯାଦବ ଏବଂ କଂଗ୍ରେସର ଅଲ୍‌କା ଲାମ୍ବା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ପଛରେ ଅଛନ୍ତି ।

## ଫ୍ରାନ୍ସ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାରଠାରୁ ଫ୍ରାନ୍ସ ଏବଂ ଆମେରିକା ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପ୍ୟାରିସ୍‌ଠାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ କୃତ୍ରିମ ବୁଦ୍ଧିମତା ସମ୍ମିଳନୀରେ ସହ ଅଧ୍ୟକ୍ଷତା କରିବେ । କୃତ୍ରିମ ବୁଦ୍ଧିମତା ଉପଯୋଗ ଏବଂ ବିଶ୍ୱ ନିୟାମକ ଢ଼ାଞ୍ଚା ଉପରେ ଏହି ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପ୍ରତିରକ୍ଷା ସହଯୋଗ ଏବଂ ଅର୍ଥନୈତିକ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାର୍ସେଲୀ ଗସ୍ତରେ ଯାଇ ପ୍ରଥମ ବିଶ୍ୱଯୁଦ୍ଧରେ ଲଢ଼ିଥିବା ମଜାରଗସ୍ ଯୁଦ୍ଧ

କବରସ୍ଥାନରେ ଭାରତୀୟ ସୈନିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏହି ଅବସରରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟନେଇ ନୂତନ ଭାରତୀୟ ଦୂତାବାସ ଭବନର ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୀ ରହିଛି ।

ପ୍ରଧାନମନ୍ତ୍ରୀ ଫ୍ରାନ୍ସରୁ ଆମେରିକା ଗସ୍ତରେ ଯିବେ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେବ ପ୍ରଥମ ଆମେରିକା ଗସ୍ତ । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୀଯାୟୀ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ପ୍ରବାସୀ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇପାରେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଅଧିକ ସୁଦୃଢ଼ କରିବା ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର ସହ ସମ୍ପର୍କକୁ ଅଧିକ ମଜବୁତ କରିବ । ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ରଣନୈତିକ ବ୍ୟାପାରରେ ବିଶ୍ୱ ସ୍ତରରେ ଭାରତ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିବାର ଆଶା କରାଯାଉଛି ।

## ମହାକୁମ୍ଭ ଫେମସ ପର୍ସନାଲାଇଟ୍‌ସ

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ମହାକୁମ୍ଭ ମେଳା ଚାଲିଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ସମାଜର ବିଭିନ୍ନ ବର୍ଗ ଏବଂ କ୍ଷେତ୍ରର ଲୋକଙ୍କୁ ମିଶାଇ ୪୧କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏପର୍ଯ୍ୟନ୍ତ ବୁଡ

ପକାଇ ସାରିଲେଣି । ଏବେବି ବୁଡ ପକାଇବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି । ମକର ସଂକ୍ରାନ୍ତି, ମୌନୀ ଅମାବାସ୍ୟା ଏବଂ ବସନ୍ତ ପଞ୍ଚମୀ ଅମାବାସ୍ୟାରେ ୩ଟି ଅମୃତ ସ୍ନାନ ସମ୍ପନ୍ନ ହୋଇଛି । ରାଜନୈତିକ, ଚଳଚ୍ଚିତ୍ର ଏବଂ କ୍ରୀଡ଼ା ଜଗତର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଇତିମଧ୍ୟରେ ତ୍ରିବେଣୀ ଘାଟଠାରେ ପବିତ୍ର ବୁଡ ପକାଇ ସାରିଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଚଳଚ୍ଚିତ୍ର ଜଗତର ଅନୁପକଖେର୍, ହେମାମାଳିନୀ ଓ ରାଜକୁମାର ରାଓ ପ୍ରମୁଖ ବୁଡ ପକାଇ ସାରିଲାଣି । କ୍ରୀଡ଼ା ଜଗତର ପୂର୍ବତନ କ୍ରିକେଟ୍ ଖେଳାଳି ସୁରେଶ ରୈନା, ମୁଷ୍ଟିଯୋଦ୍ଧା ବିଜେନ୍ଦ୍ର ସିଂହ ଏବଂ ମେରିକମ୍, ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହୱାଲ ପ୍ରମୁଖ ବୁଡ ପକାଇ ସାରିଥିବା ଜଣାପଡିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାସୋମବାର ଦିନ ପ୍ରୟାଗରାଜ ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଆସନ୍ତା ୨୬ ତାରିଖରେ ସମ୍ପନ୍ନ ହେବ ।

## ଇସ୍ରାଏଲ ହଷ୍ଟେଜେସ୍

ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଗାଜାରୁ ଆଜି ଇସ୍ରାଏଲର ୩ଜଣ ପଣବନ୍ଦୀ ମୁକ୍ତ ହେବେ । ମଧ୍ୟସ୍ଥତାକାରୀ ଦେଶମାନଙ୍କ ଜରିଆରେ ଇସ୍ରାଏଲ

ସେମାନଙ୍କ ସମ୍ପର୍କରେ ସୂଚନା ପାଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହା ବଦଳରେ ଇସ୍ରାଏଲ ୧୮୩ଜଣ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିବ ବୋଲି ହମାସ୍ ସୂଚନା ଦେଇଛି । ୨୦୨୩ ଅକ୍ଟୋବର ୭ ତାରିଖରେ ଦକ୍ଷିଣ ଇସ୍ରାଏଲ ଉପରେ ହମାସ୍ ନେତୃତ୍ୱାଧୀନ ଆକ୍ରମଣ ପରିପ୍ରେକ୍ଷୀରେ ଇସ୍ରାଏଲରୁ ଏହି ବନ୍ଧକ ମାନଙ୍କୁ ଅପହରଣ କରାଯାଇଥିଲା । ଆକ୍ରମଣ ସମୟରେ ଇସ୍ରାଏଲରେ ଧରାପଡିଥିବା ୫ଜଣ ଥାଇଲାଣ୍ଡ ନାଗରିକଙ୍କ ସମେତ ହମାସ୍ ଏପର୍ଯ୍ୟନ୍ତ ୧୮ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଛି । ଚୁକ୍ତି ପରେ ଇସ୍ରାଏଲ ଗତ ସପ୍ତାହରେ ୧୮୩ଜଣ ପାଲେଷ୍ଟାଇନ୍ କଏଦୀଙ୍କୁ ମଧ୍ୟ ମୁକ୍ତ କରଥିଲା ।

## ବାଂଲାଦେଶ ଭଙ୍ଗାରୁଜା

ବାଂଲାଦେଶ ଗାଜିପୁରସ୍ଥିତ ପୂର୍ବତନ ମନ୍ତ୍ରୀ ମୋଜାମେଲ ହକ୍‌ଙ୍କ ବାସଭବନରେ ବିକ୍ଷୋଭକାରୀ ଭଙ୍ଗାରୁଜା ଉଦ୍ୟମ କରିଥିଲେ । ଉତ୍ୟକ୍ତ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକେ ଏଥିରେ ସାମିଲ ଥିବା ସନ୍ଦେହ କରାଯାଉଛି । ତେବେ ନିକଟରେ ଥିବା ଏକ ମସ୍‌ଜିଦ୍‌ର ମେଗାଫୋନ୍ ମାଧ୍ୟମରେ ଏହି ଭଙ୍ଗାରୁଜା ଘଟଣା ଏବଂ ତୁରନ୍ତ ସହାୟତା ପାଇଁ ଆହ୍ୱାନ ଦିଆଯାଇଥିଲା । ସ୍ଥାନୀୟ ବାସିନ୍ଦା ସେଠାରେ ଉପସ୍ଥିତ ହୋଇ ଭଙ୍ଗାରୁଜାକାରୀଙ୍କୁ ଆକ୍ରମଣ କରିଥିଲେ । ଦୁଇପକ୍ଷ ମଧ୍ୟରେ ହିଂସାତ୍ମକ

ଘଟଣା ପରିପ୍ରେକ୍ଷୀରେ ସେନାର ଜବାନ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗତ ୩ ଦିନର ବିକ୍ଷୋଭ ମଧ୍ୟରେ ପ୍ରଥମଥର ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଏ କ୍ଷେତ୍ରରେ ସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରାଯାଇଛି । ଏଭଳି ପରିସ୍ଥିତି ବାଂଲାଦେଶରେ ସ୍ଥିରତା ଏବଂ ଗଣତାନ୍ତ୍ରିକ ପରିବର୍ତ୍ତନ ପାଇଁ ସଙ୍କଟ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଶ୍ରୀଲଙ୍କା-ବିମ୍‌ଷ୍ଟେକ୍

କଲମ୍ବୋରେ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ ଶୀର୍ଷକ ଦୁଇ ଦିନିଆ ବିମ୍‌ଷ୍ଟେକ୍ ଡିଜିଟାଲ୍ ସମ୍ମିଳନୀ ଜାରି ରହିଛି । ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା, ବିମ୍‌ଷ୍ଟେକ୍‌ର ମହାସଚିବ ଇନ୍ଦ୍ରମଣୀ ପାଣ୍ଡେ, ଶ୍ରୀଲଙ୍କା ସରକାରଙ୍କ ଉପମନ୍ତ୍ରୀ ଏରଙ୍ଗା ବୀରରତ୍ନେ ଏବଂ ଚତୁରଙ୍ଗା ଆବେସିଂହଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଗତକାଲି ଉଦ୍‌ଘାଟିତ ହୋଇଛି ।

ଏହି ସମ୍ମିଳନୀରେ ଦଳଗତ ଆଲୋଚନାରେ ଡିଜିଟାଲ ଅର୍ଥନୀତି କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ବିଶେଷଜ୍ଞମାନେ ଭାଗ ନେଇଥିଲେ । ଶ୍ରୀ ଝା ନିଜ ଅଭିଭାଷଣରେ କହିଥିଲେ, ଗତ ଏକ ଦଶନ୍ଧି ମଧ୍ୟରେ ଡିଜିଟାଲ୍ ଭିତ୍ତିଭୂମି ସାଧାରଣ ଲୋକଙ୍କୁ ଅନେକ ସୁବିଧା ପ୍ରଦାନ କରିଛି । ଏହି ଅବସରରେ ଶ୍ରୀଲଙ୍କାର ଶିଳ୍ପ ଓ ଉଦ୍ୟୋଗ ବିକାଶ ଉପମନ୍ତ୍ରୀ’ ସଦସ୍ୟ

ରାଷ୍ଟ୍ରମାନଙ୍କ ମଧ୍ୟରେ ବିଷୟଗତ ଜ୍ଞାନ ଏବଂ ଜ୍ଞାନକୌଶଳ ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟପକ୍ଷରେ ଶ୍ରୀଲଙ୍କାର ଡିଜିଟାଲ ଅର୍ଥନୀତି ବିଭାଗ ମନ୍ତ୍ରୀ ଏରଙ୍ଗା ବୀରରତ୍ନେ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ ।

ଏହି ସମ୍ମିଳନୀର ଆଜି ଦ୍ୱିତୀୟ ଦିନରେ ଡିଜିଟାଲ ପେମେଣ୍ଟ, ଡିଜିଟାଲ୍ ହେଲ୍‌ଥ ଏବଂ ସାମାଜିକ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ଡିଜିଟାଲ ପରିଚୟ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଆଇଏସ୍‌ଏଲ୍-ଫୁଟବଲ

ଇଣ୍ଡିଆନ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ହାଇଦ୍ରାବାଦ ଏଫ୍‌ସି ଏବଂ ମହମଡାଲ ଏସ୍‌ସି ମଧ୍ୟରେ ମୁକାବିଲା ହେବ । ହାଇଦ୍ରାବାଦର ଜିଏମ୍‌ସି ବାଲାଯୋଗୀ ଆଥ୍‌ଲେଟିକ ଷ୍ଟାଡିୟମଠାରେ ଅପରାହ୍ଣ ୫ଟାରେ ଏହି ମ୍ୟାଚ୍ ଖେଳାଯିବ । ୨ଟିଯାକ ଦଳ ପଏଣ୍ଟ ତାଲିକାର ନିମ୍ନ ସ୍ଥାନରେ ରହିଛନ୍ତି । ଅନ୍ୟଏକ ମ୍ୟାଚ୍‌ରେ କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନଠାରେ ଚେନ୍ନାଇୟାନ ଏଫ୍‌ସି ଏବଂ ଇଷ୍ଟବେଙ୍ଗଲ ଏଫ୍‌ସି ମଧ୍ୟରେ ପ୍ରତିଯୋଗିତା ହେବ । ସଂଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ଉଭୟ ଦଳ ମ୍ୟାଚ୍‌କୁ ଜିତି ଶ୍ରେଷ୍ଠ ୬ଟି ଦଳ ମଧ୍ୟରେ ସ୍ଥାନିତ ହେବାକୁ ପ୍ରୟାସ କରିବେ ।

## ବାରବାଟୀ ମ୍ୟାଚ୍

କଟକର ବାରବାଟୀ ଷ୍ଟାଡିୟମଠାରେ ଆସନ୍ତାକାଲି ଚଳିତ ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ତିନିଟିକିଆ ସିରିଜ୍‌ରେ ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ଏପର୍ଯ୍ୟନ୍ତ ୧-୦ରେ ଆଗୁଆ ରହିଛି । ଉଭୟ ଦଳର ଖେଳାଳି ଗତସଂଧ୍ୟାରେ ଭୁବନେଶ୍ୱରଠାରେ ଆସି ପହଞ୍ଚିଛନ୍ତି । ଆଜି କେବଳ ଭାରତୀୟ ଖେଳାଳି ଅପରାହ୍ଣରେ ବାରବାଟୀ ଷ୍ଟାଡିୟମରେ ଆସି ଅଭ୍ୟାର କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଅଭ୍ୟାସ ଲାଗି ୬ଟି ପିଚ୍ ପ୍ରସ୍ତୁତ କରାଯାଇଛି । ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ରାପିଡ ଚେସ୍ ଜର୍ମାନୀ

୨୦୨୫ ଫ୍ରି-ଷ୍ଟାଇଲ୍ ଚେସ୍ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଗତକାଲିଠାରୁ ଜର୍ମାନୀର ବାଲ୍‌ଟିକ୍ ଉପକୂଳ ଓ୍ୱାଇସନ ହ୍ୱାଉସ୍‌ଠାରେ ଆରମ୍ଭ ହୋଇଛି । ୫ମ ପର୍ଯ୍ୟାୟ ପ୍ରତିଯୋଗିତା ପରେ ଫାବିଆନୋ କାରଓ୍ୱାନା ୪ ଦଶମିକ ୫ ପଏଣ୍ଟ ସହ ତାଲିକାର ଶୀର୍ଷସ୍ଥାନରେ ଥିବାବେଳେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏପର୍ଯ୍ୟନ୍ତ ୨ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ରହିଛନ୍ତି ।

ଆହୁରି ୪ ପର୍ଯ୍ୟାୟ ଖେଳ ବାକି ରହିଛି । ଏହାପରେ ନକ୍‌ଆଉଟ୍ ପର୍ଯ୍ୟାୟକୁ ୮ଜଣ ଖେଳାଳି ଉନ୍ନୀତ ହେବେ ।